## ସଂକ୍ଷେପରେ

### ତହଁରରୁ ଅପହୃତ ଉଦ୍ଧାର
## ଅପହରଣକାରୀ ବାପପୁଅଙ୍କ ସମେତ ୩ ଗିରଫ

ବ୍ରହ୍ମପୁର,୧୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ପୋଲିସ ଗୁରୁବାର ଜଣେ ଅପହୃତଙ୍କୁ ହିଞ୍ଜିଳିକାଟୁ ତହଁର ଅଞ୍ଚଳରୁ ଉଦ୍ଧାର କରିଛି। ସେ ହେଲେ ନାରାୟଣ ସ୍ୱାଇଁ। ସେହିପରି ପୋଲିସ ୩ ଅପହରଣକାରୀଙ୍କୁ ମଧ୍ୟ ଗିରଫ କରିଛି। ସେମାନେ ଆଙ୍କୁଲିର ଅଭିମନ୍ୟୁ ପ୍ରଧାନ, ତାଙ୍କ ପୁଅ କମଳଲୋଚନ ପ୍ରଧାନ ଓ ନିଗମ ନଗରର ରବୀନ୍ଦ୍ର କୁମାର ପାଢୀ ଓରଫ ମାମା। ଅପହରଣରେ ବ୍ୟବହୃତ ବୁଲେଟ ଜବତ ହୋଇଛି। ପୋଲିସ ୬୧୮/୨୩ରେ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ କଲୋନୀର ନାରାୟଣ ସିସିଡିଭି ଟେକ୍ନିସିଆନ ଭାବେ କାମ କରନ୍ତି। ଗତ ୧୦ ତାରିଖରେ ତାଙ୍କୁ ଆଙ୍କୁଲି ନିକଟରୁ ଅପହରଣ କରାଯାଇଥିଲା। ଏନେଇ ତାଙ୍କ ସ୍ତ୍ରୀ ଯଜ୍ଞଶିନୀ ସ୍ୱାଇଁ ୧୧ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ସେମାନଙ୍କୁ ଧରିଛି।

## ବାଇକ୍ ଧକ୍କାରେ ଅଟୋରୁ ଛିଟିକି ଚାଳକ ମୃତ

ବ୍ରହ୍ମପୁର,୧୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ମୁଖ୍ୟ ରାସ୍ତା ଆମ୍ବଗଡ଼ ଛକ ନିକଟରେ ଶୁକ୍ରବାର ବାଇକ୍ ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ବଜାରର ଅଞ୍ଚଳର ସୀମାଞ୍ଚଳ ଦଳାଇ (୨୮)। ବାଇକ ଆରୋହୀ ୨କଲେଜ ଛାତ୍ରୀଛାତ୍ର ଗୁରୁତର ହୋଇପଡ଼ିଛନ୍ତି। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି। ସୀମାଞ୍ଚଳଙ୍କ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଅପରାହ୍ନରେ ସୀମାଞ୍ଚଳ ନିଜ ପାଣି ବୋଝେଇ ଅଟୋ ଧରି ବ୍ରହ୍ମପୁର ଆଡ଼କୁ ଆସୁଥିଲେ। ଆମ୍ବଗଡ ଛକଠାରେ ପଛପଟୁ ଆସୁଥିବା ବାଇକ୍ ଭାରସାମ୍ୟ ହରାଇ ଅଟୋକୁ ଧକ୍କା ଦେଇଥିଲା। ଫଳରେ ସୀମାଞ୍ଚଳ ଅଟୋ ଭିତରୁ ଛିଟିକି ବାହାରେ ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# 'ନୂଆ'ରେ ତାଲିମ ଦେଇ ସ୍ୱାବଲମ୍ବୀ କରିବାକୁ ଗୁରୁତ୍ୱ

### ଜିଲା ଦକ୍ଷତା ବିକାଶ କମିଟି ବୈଠକ

ନବରଙ୍ଗପୁର,୧୩।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନିଯୋଜନ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଜିଲାସ୍ତରୀୟ ଜିଲା ଦକ୍ଷତା ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଛି। ନୂତନ ଭାବେ ଆରମ୍ଭ ହୋଇଥିବା ସ୍କିମ୍ ନୂତନ ଉନ୍ନତ ଅଭିଳାଷା (ନୂଆ) ସମ୍ପର୍କରେ ଜିଲା ନିଯୋଜନ ଅଧିକାରୀ ଆନନ୍ଦ ପଲାଇ ସୂଚନା ଦେଇଥିଲେ।

ଜିଲାର ଛାତ୍ରୀଛାତ୍ର, ଯୁବତୀଯୁବକ, ଦିବ୍ୟାଙ୍ଗ ବ୍ୟକ୍ତି ଏହି ଯୋଜନାରେ ତାଲିମ ନେଇ କିପରି ସ୍ୱାବଲମ୍ବୀ ହେବେ ସେ ଦିଗରେ ବିଭାଗୀୟ ଅଧିକାରୀ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାରେ ଅତ୍ୟାଧୁନିକ ତାଲିମ ଦେବାର ପ୍ରାବଧାନ ରହିଛି। ସରକାରୀ ଚାକିରି ଆଶାୟୀ ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ ଜିଲାରେ କିପରି ମାଗଣା କୋଚିଂ ବ୍ୟବସ୍ଥା କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଯୋଜନା ଅଧୀନରେ ତାଲିମ ପ୍ରଦାନ ପାଇଁ ବିଭିନ୍ନ ବିଭାଗୀର ଅଧିକାରୀ ନିଜସ୍ୱ ପ୍ରସ୍ତାବ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଦକ୍ଷତା ବିକାଶ କମିଟି ଓ ଜିଲା ଦକ୍ଷତା ନିର୍ବାହୀ କମିଟି ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ଜିଲା ନିଯୋଜନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଇଓ ପ୍ରଦୀପ କୁମାର ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଡିଆଇପିଆର୍‌ଓ ହଳଧର ନିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଆଇଟିଆଇ ଅଧକ୍ଷ ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଜିଲାପାଳ ଓ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

# କାମ ଗୋଟିଏ, ୨ ବିଭାଗରୁ ବିଲ୍ ଅଭିଯୋଗ

### ଖବରଦାତା ସମ୍ମିଳନୀରେ ଅଭିଯୋଗକୁ ଖଣ୍ଡନକଲେ ବିଡିଓ

ନବରଙ୍ଗପୁର,୧୩।୧୦(ସଦାଶିବ ପ୍ରହରାଜ)

କେଉଁଠି କାମ ନ ହୋଇ ବିଲ୍ ହେଉଛି ତ ଆଉ କେଉଁଠି କାମ ଅନ୍ୟ ବିଭାଗର ବିଲ୍ ଦେଖାଉଛି ଆଉ ଏକ ବିଭାଗ। ନନ୍ଦାହାଣ୍ଡି ବ୍ଲକରେ ଗୋଟିଏ ପରେ ଗୋଟିଏ ଏଭଳି ଗୁରୁତର ଅଭିଯୋଗ ଆସୁଛି। ତଦନ୍ତ କରାଯିବା ନାଁରେ ଅଧିକାରୀମାନେ ନୀରବ ରହୁଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପାଚେରିକୁ ଲାଗି ଯେଉଁ କାମ ହୋଇଛି ସେଥିରେ ଦୁର୍ନୀତି କରାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ପଞ୍ଚାୟତ ଅଧୀନ ମାଝିଗୁଡ଼ା ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପାଚେରିକୁ ଲାଗି ଡ୍ରେନ୍ ଓ ପେଭର ବ୍ଲକ କାର୍ଯ୍ୟ ହୋଇଛି। ୨୦୨୦-୨୧ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ଡ୍ରେନ୍ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ମାଝିଗୁଡ଼ା କ୍ଲବ ଛକରୁ ସର୍କିଟ ହାଉସ ଛକ ଦେଇ ଜିଲାପାଳଙ୍କ ବାସଭବନ ଓ କାର୍ଯ୍ୟାଳୟକୁ ଲାଗି ଏହି କାର୍ଯ୍ୟ କରାଯିବ ବୋଲି ଅନୁମୋଦନ କରାଯାଇଛି। ତେବେ ସେଠାରେ ପୂର୍ବରୁ 'ରାସ୍ତା ଓ ଗୃହ ନିର୍ମାଣ' ବିଭାଗ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇଥିଲା। ୨୦୨୨ ଜାନୁୟାରୀ ୨ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ମେ ୧ରେ ସମ୍ପୂର୍ଣ୍ଣ କରାଯାଇଛି। ଏହା ୨୦୨୧-୨୨ ଆର୍ଥିକ ବର୍ଷରେ ୮୭ ଲକ୍ଷ ୯୯ ହଜାର ୯୦୭ ଟଙ୍କା ବ୍ୟୟ ଅଟକଳରେ ଅନୁମୋଦନ କରାଯାଇ ଡ୍ରେନ୍ ଓ ରାସ୍ତାକଡ଼ରେ ପେଭର ବ୍ଲକ ବିଛାଯାଇ ନିର୍ମାଣ କରାଯାଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। କିନ୍ତୁ ବ୍ଲକ ପ୍ରଶାସନ ସେହି ଡ୍ରେନ୍‌କୁ ନିଜେ କରିଥିବା ଦର୍ଶାଇ ୪ ଲକ୍ଷ ୩୦ ହଜାର ୬୨୮ ଟଙ୍କା ବିଲ୍ କରିଥିବା ଅଭିଯୋଗ ହୋଇଛି। ସେଠାରେ ଶ୍ରମିକ ନିୟୋଜିତ କରାଯାଇଥିବା ଦର୍ଶାଇ ଶ୍ରମିକ ବାବଦରେ ୯୦ ହଜାର ୭୯୮ ଟଙ୍କା ଓ ବିଭିନ୍ନ ସାମଗ୍ରୀ ବାବଦରେ ୩ ଲକ୍ଷ ୩୯ ହଜାର ୮୩୦ ଟଙ୍କା ଉଠାଯାଇଛି। ନନ୍ଦାହାଣ୍ଡି ବ୍ଲକ ପ୍ରଶାସନ ସେହି କାମକୁ ଏପ୍ରିଲ ୨୦୨୨ରେ ଆରମ୍ଭକରି ୨୦୨୨ ଜୁନ୍ ୧ ମଧ୍ୟରେ ଶ୍ରମିକ ଲଗାଇ କାର୍ଯ୍ୟ କରିଥିବା ଅନ୍‌ଲାଇନ ତଥ୍ୟରେ ରହିଛି। ନନ୍ଦାହାଣ୍ଡି ବ୍ଲକ ପ୍ରଶାସନ ଆଦୌ କାମ ନ କରି ଅନ୍ୟ ବିଭାଗର କାମକୁ ଦେଖାଇ କିଭଳି ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରିଛନ୍ତି ତାହାର ତଦନ୍ତ କରିବାକୁ ଲୋକେ ଦାବି କରିଛନ୍ତି।

ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏହି ଘଟଣାକୁ ନେଇ ସ୍ଥାନୀୟ ସର୍କିଟ ହାଉସରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀକରି ଡ୍ରେନ୍ ନିର୍ମାଣ କାମରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି କହିଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଯେଉଁ କାମ କରିଛି ତାହା ସେମାନେ ବିଲ୍ କରିଛନ୍ତି। ଅନ୍ୟପକ୍ଷରେ ସର୍କିଟ ହାଉସ ନିକଟରେ ପାଣି ଜମି ରହୁଥିବାରୁ ଡ୍ରେନ୍‌ର ଆବଶ୍ୟକତା ଥିଲା। ତାହା ନିର୍ମାଣ କରାଯାଇଛି ବୋଲି କହିବା ସହ ଫଟୋ ସହ ଫାଇଲ ଆଣି ଖବରଦାତାଙ୍କୁ ଦେଖାଇଥିଲେ। ମାଝିଗୁଡ଼ା ଛକରୁ ଭାୟା ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ସର୍କିଟ ହାଉସ ଡ୍ରେନ୍ ନିର୍ମାଣ ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଡ୍ରେନ୍ ଓ ପେଭର ବ୍ଲକ କାମ କରିସାରିଛି। ସେନେଇ ପ୍ରକଳ୍ପରେ ସର୍କିଟ ହାଉସର ନାଁ ରହିଥିବାରୁ ସେଠାରେ କିଛି ଅଂଶ ସର୍କିଟ ହାଉସ ନିକଟରେ ଡ୍ରେନ୍ କରାଯାଇଥିବା କହିଥିଲେ। ତେବେ ପ୍ରକଳ୍ପ ନାଁ ପରିବର୍ତ୍ତନ କରାଯାଇଛି କି ବୋଲି କହିବା ପରେ ତାହାର ତଥ୍ୟ ଖବରଦାତାଙ୍କୁ ପ୍ରଦାନକରି ପାରି ନ ଥିଲେ। ଖବରଦାତା ସମ୍ମିଳନୀରେ ଡିଆଇପିଆର୍‌ଓ ହଳଧର ନିଆଲ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଡିଓ ସୂଚନା ଦେଉଛନ୍ତି।

# ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ

ମାଲକାନଗିରି,୧୩।୧୦ (ଦୁର୍ଯ୍ୟୋଧନ ପାତ୍ର)

ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ, ସାରା ବିଶ୍ୱରେ ଅଣ୍ଡାକୁ ଖାଦ୍ୟ ଭାବେ ବ୍ୟବହାର କରାଯାଏ । କୋମଳମତି ଶିଶୁଠାରୁ ଆରମ୍ଭକରି, ରୋଗୀ, ବୟସ୍କ ବ୍ୟକ୍ତିଙ୍କ ସହ ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଅଣ୍ଡାକୁ ଖାଦ୍ୟ ଭାବେ ବ୍ୟବହାର କରିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଓ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ର ମାନଙ୍କୁ ସପ୍ତାହରେ ଦୁଇଥର ଅଣ୍ଡା ଖାଇବାର ବ୍ୟବସ୍ଥା କରିଛନ୍ତି। ବିଶେଷକରି ଦେଶୀ ଅଣ୍ଡା ଭିଟାମିନଯୁକ୍ତ । ଦେଶୀ କୁକୁଡ଼ା ପାଳନ ସହ ବଏଲର କୁକୁଡା ପାଳନକରି ଏହାର ସଂଖ୍ୟା ବୃଦ୍ଧିକଲେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇବ । ଏହି ଉପଲକ୍ଷେ ଶୁକ୍ରବାର ମାଲକାନଗିରି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅଶୋକ କୁମାର ତ୍ରିପାଠୀ, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ବେହେରା, କୃଷି ବିଭାଗ ଉପ ନିର୍ଦ୍ଦେଶକ ଅମିୟ କୁମାର ମହାନ୍ତି, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡ.ବିଜୟ କୁମାର ମହାନ୍ତି, ବିଜୟକେତନ ପଟ୍ଟନାୟକ, ଡ. ଚକ୍ରଧର ଦାସ, ନୋଡାଲ ଅଧିକାରୀ ବିକାଶ ଚନ୍ଦ୍ର ସର୍ଦ୍ଦାର, ସମସ୍ତ ବ୍ଲକର ପ୍ରାଣୀ ଚିକିତ୍ସାଧିକାରୀ ଏବଂ ପଶୁ ପକ୍ଷୀ ପାଳକ ଏବଂ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଜିଲାରେ କୁକୁଡ଼ା ପାଳନ ତାହାର ଯତ୍ନ, ରୋଗ ଦାଉରୁ କିପରି ମୁକ୍ତି, ବଂଶ ବୃଦ୍ଧି, ଅଣ୍ଡା ଉତ୍ପାଦନ ଓ ସଂରକ୍ଷଣ ଏବଂ ଏହାର ବ୍ୟବସାୟ କରାଯାଇପାରିବ ସେ ସମ୍ବନ୍ଧରେ ଉପସ୍ଥିତ ଚାଷୀମାନଙ୍କୁ ପଦାଧିକାରୀମାନେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।


ବୈଠକରେ ମଞ୍ଚାସୀନ ଅତିଥି ।

## ପାଣିରେ ବୁଡି ବୃଦ୍ଧ ମୃତ

ପଡିଆ, ୧୩।୧୦(ଭାସ୍କର ରାଓ)

ଗାଧୋଇବାକୁ ଯାଇ ପାଣିରେ ବୁଡି ଶୁକ୍ରବାର ସକାଳେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣଙ୍କ ହେଲେ ପଡିଆ ଥାନା ନିଲିଗୁଡା ପଞ୍ଚାୟତ ଇରାଲ ଗୁଣ୍ଡି ଗ୍ରାମର କସା ମାଡକାମୀ (୬୦)। କସା ମାଲକାନଗିରି ମାଟାପାକା ପଞ୍ଚାୟତ କୋୟାଗିରି ଗ୍ରାମରେ ଥିବା ଭଣଜା ରାମା ମାଡିଙ୍କୁ ଦେଖିବାକୁ ଯାଇଥିଲେ। ସେଠାରୁ ଶୁକ୍ରବାର ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କିନ୍ତୁ ଘରକୁ ଫେରି ନ ଥିଲେ। ଭଣଜା ପୋଖରୀ ନିକଟରେ ମାମୁଙ୍କ ଜୋତା, ଲୁଗା ଦେଖି ସନ୍ଦେହ କରିଥିଲେ । ପୋଖରୀରେ ଅଧିକ ପାଣି ଥିବାରୁ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ। ପଡିଆ ଏବଂ ମାଲକାନଗିରିରୁ ଅଗ୍ନିଶ୍ରମ ବାହିନୀ ପକ୍ଷରୁ ଘଟଣା ସ୍ଥଳେ ଦୀର୍ଘ ସମୟ ଧରି ଖୋଜାଖୋଜି ପରେ ଅପରାହ୍ନରେ କସାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ।

ପଡିଆ, ୧୩।୧୦(ଭାସ୍କର ରାଓ)

ପଡ଼ିଆ ଦୁର୍ଗାମନ୍ଦିର ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଧାୟକ ଆଦିତ୍ୟ ମାଢ଼ି, ମାଲକାନଗିରି ଜିଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ପଡିଆ ବିଧାୟକ ପ୍ରତିନିଧି କୋଲାୟା ମଣ୍ଡଳ, ସଭାପତି ପି. ଭେଙ୍କଟେଶ୍ୱର ରାଓ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଏଥିରେ ଯୋଗ ଦେଇଥିଲେ। ଶୁକ୍ରବାରରୁ ଏକ ସପ୍ତାହ ପର୍ଯ୍ୟନ୍ତ ପଡିଆର ବିଭିନ୍ନ ଅଞ୍ଚଳକୁ ଅମୃତ କଳସଯାତ୍ରା ଆରମ୍ଭ କରାଯାଇ ମାଟି ସଂଗ୍ରହ କରାଯିବ ବୋଲି ଜଣାପଡିଛି ।

# ପରଜା ସମାଜ ବିକାଶ ପରିଷଦର ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,୧୩।୧୦(ଦୁର୍ଯ୍ୟୋଧନ ପାତ୍ର)

ପରଜା ସମାଜ ବିକାଶ ପରିଷଦ, ମାଲକାନଗିରି ଜିଲା ତରଫରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ମାଲକାନଗିରି ଜିଲାରେ ପ୍ରାୟ ୬୨ ପରଜା ସମ୍ପ୍ରଦାୟର ଜନସାଧାରଣ ରହୁଥିବା ବେଳେ ପରେଙ୍ଗା ପରଜାଙ୍କୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଉ। ବହୁଭାଷା ଶିକ୍ଷକ ନିଯୁକ୍ତି ଭିତ୍ତିରେ ପାରେଙ୍ଗା ପରଜା ଭାଷାରେ ଶିକ୍ଷାଦାନ ଓ ଶିକ୍ଷକ ନିଯୁକ୍ତି କରାଯାଉ । ଲୋପ ପାଉଥିବା ପାରେଙ୍ଗା ପରଜା ଭାଷା ଓ ସଂସ୍କୃତିର ପୁନରୁଦ୍ଧାର କରାଯାଇ ସରକାରୀ ମାନ୍ୟତା ପ୍ରଦାନ, ପାରେଙ୍ଗା ପରଜା ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପାରେଙ୍ଗା ପରଜା ପ୍ରକଳ୍ପ ସ୍ଥାପନ, ପାରେଙ୍ଗା ପରଜା ଜନଜାତିଙ୍କୁ ଜନଗଣନା ତାଲିକାଭୁକ୍ତ କରାଯାଇ ସେମାନଙ୍କ ଜନସଂଖ୍ୟା ପ୍ରକାଶ, ଆଦିମ ପାରେଙ୍ଗା ପରଜା ଭାଷାକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉଚ୍ଚବିଦ୍ୟାଳୟ ନିର୍ମାଣ, ପାରେଙ୍ଗା ପରଜା ଜନଜାତିଙ୍କ କୃଷି କ୍ଷେତ୍ରକୁ ଜଳସେଚନ ସୁବିଧା ଇତ୍ୟାଦି ଦାବିପତ୍ରରେ ଉଲ୍ଲେଖ ରହିଥିଲା।

ଶୁକ୍ରବାର ପରଜା ସମାଜ ବିକାଶ ପରିଷଦ ତରଫରୁ ଏକ ରାଲି ବସ୍‌ଷ୍ଟାଣ୍ଡ ପରିସରରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଲା ପରେ ସେଠାରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ରାଲି ପରଜା ସମାଜ ବିକାଶ ପରିଷଦ ଆବାହକ ଘେନୁ ମୁଦୁଲିଙ୍କ ନେତୃତ୍ୱରେ ୨ ହଜାରରୁ ଊର୍ଦ୍ଧ୍ୱ ପରଜା ସମ୍ପ୍ରଦାୟର ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ।


ରାଲିରେ ବାହାରିଥିବା ପରଜା ସମାଜ କର୍ମକର୍ତ୍ତା ।



# ଶୃଙ୍ଖଳା ପଡ଼ିଛି ୭ କୋଟିରେ ନିର୍ମିତ ବିଷ୍ଣୁଗୁଡ଼ା ଡ୍ୟାମ୍

■ ୨୫୦ ହେକ୍ଟର ଜମିକୁ ଜଳସେଚିତ କରିବା ଥିଲା ଲକ୍ଷ୍ୟ
■ ଚାଷୀଙ୍କ ଜମିକୁ ମାଡୁନି କେନାଲ ପାଣି
■ ଜବରଦଖଲରେ କେନାଲ ଜମି
■ ଚାଷୀଙ୍କ ନାଁରେ ଚାଲିଛି ଠିକାଦର ପୋଷା ନୀତି

ରାୟଗଡ଼ା,୧୩।୧୦(ଆଶିଷ ରଞ୍ଜନ ପଣ୍ଡା)

ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ରାୟଗଡ଼ା ବ୍ଲକର ପିତାମହଲ ପଞ୍ଚାୟତ ତେନ୍ତୁଳିଗୁଡ଼ାରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ବିଷ୍ଣୁଗୁଡ଼ା ଡ୍ୟାମ୍ । ପଞ୍ଚାୟତର ୭ରୁ ୮ଖଣ୍ଡ ଗ୍ରାମବାସୀ ଉପକୃତ ହେବା ସହ ୨୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିକୁ ଜଳସେଚିତ କରିବା ଲକ୍ଷ୍ୟ ଥିଲା । ହେଲେ ଡ୍ୟାମ୍ ନିର୍ମାଣ ହେବା ଦିନଠାରୁ ଏହା ଶୃଙ୍ଖିଲା ପଡ଼ିଛି। ଡ୍ୟାମ୍ ନିର୍ମାଣ ଯୋଗୁ ଶତାଧିକ ଚାଷୀ ଉପକୃତ ହେବା ଦୂରର କଥା ଖଣ୍ଡିଏ ଜମିକୁ ମଧ୍ୟ ପାଣି ମାଡ଼ିପାରି ନାହିଁ। ଏହାସତ୍ତ୍ୱେ ୨୦୧୪-୧୫ ଆର୍ଥିକ ବର୍ଷରେ କ୍ରିଟିକାଲ ଯୋଜନାରେ ଡ୍ୟାମ୍ ମରାମତି ପାଇଁ ପୁଣି ୬୦ଲକ୍ଷ ଖର୍ଚ୍ଚ କରାଯାଇଛି । ଏହା ପରେ ବି ଡ୍ୟାମ୍‌ରେ ଟୋପାଏ ପାଣି ନ ଥିବାବେଳେ ଏହା କେବଳ ଅନାବନା ଗଛଲତାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଠିକାଦାରଙ୍କୁ ପୋଷିବା ନୀତିରେ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ତେନ୍ତୁଳିଗୁଡ଼ାରେ ୧୯୯୮ରେ ନିର୍ମାଣ ହୋଇଥିଲା ବିଷ୍ଣୁଗୁଡ଼ା ଡ୍ୟାମ୍ । କାନ୍ଦିଲି ନାଳର ଜଳକୁ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇଥିଲା ପ୍ରାୟ ୨ କୋଟି ଟଙ୍କା । ପିତାମହଲଠାରେ ମୁଖ୍ୟ କେନାଲ ଏବଂ ବିଷ୍ଣୁଗୁଡ଼ା, ବେହେରାଗୁଡ଼ା ଓ ଜଗନ୍ନାଥପୁର, ଦିସାରିଗୁଡ଼ାଠାରେ ୪ଟି ସବ୍‌କେନାଲ ନିର୍ମାଣ କରାଯାଇଥିଲା । କେନାଲ ନିର୍ମାଣରେ ଅଧିକ ୨କୋଟି ଟଙ୍କା ବ୍ୟୟ କରାଯାଇଥିଲା । ଗତ ୭ ବର୍ଷ ମଧ୍ୟରେ ମରାମତି ଓ ରକ୍ଷଣାବେକ୍ଷଣ ନାଁରେ ଆହୁରି ୩କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଥିଲା । ସରକାରଙ୍କ ପକ୍ଷରୁ ଏତେ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଚାଷୀମାନେ କୌଣସି ପ୍ରକାରେ ଉପକୃତ ହୋଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ତେନ୍ତୁଳିଗୁଡ଼ାରେ ମୂଳ ପ୍ରକଳ୍ପ ରହିଥିଲେ ମଧ୍ୟ ସେହି ଗାଁର ଚାଷଜମିକୁ ଡ୍ୟାମ୍ ପାଣି ମାଡ଼ିପାରୁନାହିଁ । ନିର୍ମାଣ ଦିନଠାରୁ ଜଗନ୍ନାଥପୁର ଓ ବେହେରାଗୁଡ଼ା ସବ୍‌କେନାଲରେ ପାଣି ଗଡ଼ି ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ନିକଟସ୍ଥ ଜମି ଜବରଦଖଲରେ ରହିଥିବାରୁ କେନାଲ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। କେନାଲ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ୨୦୧୪-୧୫ରେ ମରାମତି ପାଇଁ କ୍ରିଟିକାଲ ଯୋଜନାରେ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ଦିସାରିଗୁଡ଼ା, ଖଇରାଗୁଡ଼ା, କମାରିଗୁଡ଼ା, ବିଷ୍ଣୁଗୁଡ଼ା, ବେହେରାଗୁଡ଼ା, ପିତାମହଲ, ହଜାରୀଡ଼ାଙ୍ଗ ଓ ଜଗନ୍ନାଥପୁର ଗାଁ ଶତ ପ୍ରତିଶତ ଜମିକୁ ଜଳସେଚନ ସହ ମାଛ ଚାଷ କରାଯିବାର ଲକ୍ଷ୍ୟ ରହିଥିଲା । କିନ୍ତୁ ଏହା ଚାଷୀଙ୍କ ସ୍ୱାର୍ଥରେ ନ ଲାଗି କେବଳ ଠିକାଦାର ପୋଷିବା କାମରେ ଲାଗିଛି ବୋଲି ଅଭିଯୋଗ ହୋଇଛି । ଏ ସମ୍ପର୍କରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଡି.ସୁଧାକର କୁମାରଙ୍କୁ ପଚାରିବାରୁ ଉକ୍ତ କେନାଲ ଯାଇଥିବା ଜମିକୁ କେତେଜଣ ଲୋକ ଜବରଦଖଲ କରି ହୋଟେଲ ଆଦି ନିର୍ମାଣ କରିଛନ୍ତି । ଫଳରେ କେନାଲରେ ପାଣି ଯିବା ପାଇଁ ବାଟ ନାହିଁ । ଏହାଦ୍ୱାରା କେନାଲ କୌଣସି କାର୍ଯ୍ୟରେ ବ୍ୟବହୃତ ହୋଇପାରୁନାହିଁ ବୋଲି ସେ କହିଛନ୍ତି । ଏହି ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଚିଠି କରାଯିବ । ଜବରଦଖଲ ଉଚ୍ଛେଦ ପରେ କେନାଲ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହୋଇପାରିବ ଏବଂ ଚାଷୀ ଉପକୃତ ହୋଇପାରିବେ ବୋଲି ସୁଧାକର କହିଛନ୍ତି । ତେବେ ଏହି କେନାଲ ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ପିତାମହଲ ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହୋଇପାରିବେ ବୋଲି ଚାଷୀ ମହଲରେ ଦାବି ହୋଇଛି ।



କେନାଲ ମରାମତି ପାଇଁ ଆସିଥିବା ଅନୁଦାନ ଫଳକ।


ଅନାବାନା ଗଛଲତାରେ ଭରି ରହିଛି କେନାଲ।

# ଭାଗ ନେଲେ ରାୟଗଡ଼ାର ୨ ଟିମ୍



ରାୟଗଡ଼ା ଜିଲାର ବାଳିକା ଓ ବାଳକ ବାସ୍କେଟ ବଲ୍ ଟିମ୍।

## ରାଜ୍ୟସ୍ତରୀୟ ସିନିୟର ବାସ୍କେଟବଲ ପ୍ରତିଯୋଗିତା

ରାୟଗଡ଼ା,୧୩।୧୦(ଆଶିଷ ରଞ୍ଜନ ପଣ୍ଡା)

କଟକଠାରେ ଆୟୋଜିତ ୬୪ତମ ସିନିୟର ବାସ୍କେଟ ବଲ୍ ପ୍ରତିଯୋଗିତାରେ ରାୟଗଡ଼ା ଜିଲାରୁ ବାଳକ ଓ ବାଳିକା ଟିମ୍ ଅଂଶଗ୍ରହଣ କରିଥିଲେ । ଏଥିରେ ବାଳକ ଟିମ୍ ୩ଟି ମ୍ୟାଚ ଖେଳିଥିବା ବେଳେ ୨ଟିରେ ବିଜୟୀ ହୋଇଥିଲେ । ସେହିଭଳି ବାଳିକା ଟିମ୍ ମଧ୍ୟ ପ୍ରଥମ ଥର ପାଇଁ କଟକ ଯାଇ ଏହି ମ୍ୟାଚରେ ଭାଗନେଇ ୩ଟି ମ୍ୟାଚ ଖେଳିଥିଲେ । ରାୟଗଡ଼ା ଜିଲା ବାସ୍କେଟ ବଲ୍ ଆସୋସିଏଶନର ସମ୍ପାଦକ ପପୁ ପ୍ରବୀଣ କୁମାରଙ୍କ ନେତୃତ୍ୱରେ ୬୪ତମ ରାଜ୍ୟସ୍ତରୀୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଜିଲାରୁ ଦୁଇଟି ଟିମ୍ ଭାଗ ନେଇଥିଲେ। ରାୟଗଡ଼ାରୁ ପ୍ରଥମ ଥର ବାଳିକା ଦଳ ଏହି ଖେଳରେ ଭାଗ ନେଇଥିବାରୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ଶୁଭେଚ୍ଛା ଜଣାଇଛନ୍ତି ।

# ୨ ଗାଁ ଲୋକଙ୍କ ପାଇଁ ନାଳପାଣି ଭରସା


ଅଚଳ ନଳକୂପ ପାଖରେ ଗରା, ବାଲଟି ଧରି ମହିଳାମାନେ ପ୍ରତିବାଦ କରୁଛନ୍ତି।

## ନଳକୂପ ଅଚଳ

ଚନ୍ଦ୍ରପୁର,୧୩।୧୦(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଗୁରୀଗୁଡା ପଞ୍ଚାୟତ ଅଧୀନ ଲୁଣ୍ଡରୁବାଡି ଏବଂ ରାମନା ଗ୍ରାମରେ ଥିବା ନଳକୂପ ଆଜକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଅଚଳ ହୋଇପଡ଼ିଛି। ଫଳରେ ୨ ଗ୍ରାମର ବାସିନ୍ଦା ପିଇବା ପାଣି ପାଇଁ ବହୁତ ହଇରାଣ ହେଉଛନ୍ତି। ପାନୀୟ ଜଳ ପାଇଁ ବାଧ ହୋଇ ସେମାନେ ନିକଟସ୍ଥ ନାଳରୁ ପାଣି ଆଣି ବ୍ୟବହାର କରୁଥିବା ଲୁଣ୍ଡରୁବାଡି ଗ୍ରାମର, ବିଜୟା କୁମ୍ବୁକା, ମିନତୀ ଉରଲାକା, ବବିତା କୁମ୍ବୁକା ପ୍ରମୁଖ ଅଭିଯୋଗ କରିଛନ୍ତି। ନଳକୂପ ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଗ୍ରାମ୍ୟ ଜଳଯୋଗାଣ ସ୍ୱାବଲମ୍ବୀ କାରିଗର, ଏସ୍‌ଇଏମ୍‌ମାନଙ୍କୁ ଅଭିଯୋଗ କଲେ ମଧ୍ୟ ସେମାନେ ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଏସ୍‌ଇଏମ୍‌ମାନଙ୍କୁ ପଚାରିବାରୁ ଆମକୁ ୧୧ମାସ ହେଲାଣି ଦରମା ମିଳିନାହିଁ, ଏଣୁ ଆମେ କାମ କରିବୁ ନାହିଁ ବୋଲି ସେମାନେ କହୁଛନ୍ତି। ପାଣି ସମସ୍ୟା ନେଇ ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ପଚାରିବାରୁ ମରାମତି ଗାଡି ବୁଲିବା ପାଇ ବ୍ଲକରେ ଅର୍ଥ ଦେବାରେ ବିଳମ୍ବ କରୁଛନ୍ତି। ଏଣୁ ଗାଡି ବୁଲି ପାରୁନି ବୋଲି ସେ କହିଛନ୍ତି। ବ୍ଲକରେ ଥିବା କର୍ମଚାରୀମାନେ ଜାଣିଶୁଣି ବିଲ କରୁନାହାନ୍ତି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଲିକଙ୍କୁ ପଚାରିବାରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗର କର୍ମଚାରୀଙ୍କ ସହ କଥା ହୋଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ


ମାଟି ସଂଗ୍ରହ କଳସ ଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

ଟିକିରି, ୧୩।୧୦
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିଠାରେ ଗୁରୁବାର ଭାରତୀୟ ଜନତା ପାର୍ଟି ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଓ କର୍ମୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପବିତ୍ର ମାଟି ସଂଗ୍ରହ କଳସ ଯାତ୍ରା ଆରମ୍ଭ ହୋଇଥିଲା। କଳସ ଯାତ୍ରାରେ ୧୦୦ରୁ ଊର୍ଦ୍ଧ୍ୱ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରତ୍ୟେକ ଘରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ଶେଷରେ ହନୁମାନ ମନ୍ଦିରଠାରେ ଏକ ସଭା କରି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ମାଟି ଦିଲ୍ଲୀ ଯିବ ଏବଂ ସେଠାରେ ସହିଦଙ୍କ ପାଇଁ ଏକ ବଡ ସ୍ମାରକୀ ତିଆରି ହେବ। ଏହି ସ୍ମାରକୀ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ରାୟଗଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପାର୍ଥି ତଥା ଭାଜପା ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବସନ୍ତ କୁମାର ଉଲ୍ଲାକା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ନୀଳାଦ୍ରି ବିହାରୀ ପାତ୍ର, ଜିଲା ସମ୍ପାଦକ ଚନ୍ଦ୍ରଶେଖର ଖରା, ଉମାଶଙ୍କର ନାୟକ, ଟିକିରି ମଣ୍ଡଳ ସଭାପତି ପ୍ରଶାନ୍ତ ମାଝି, ଡ଼ଙ୍ଗାସିଲ ମଣ୍ଡଳ ସଭାପତି ହରିଶ ମୁଦୁଲି, କାଶୀପୁର ମଣ୍ଡଳ ସଭାପତି ଭରତ ଲେଙ୍କା ଏବଂ କାଶୀପୁର ବ୍ଲକର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ରାୟଗଡ଼ା ତହସିଲ: ୫୨ ଏକର ସରକାରୀ ଜମି ଚିହ୍ନଟ

## ରେଳ ବିଭାଗ ଜମିରୁ ବିସ୍ଥାପିତଙ୍କୁ ଦିଆଯିବ ଜମିପଟ୍ଟା

ରାୟଗଡ଼ା,୧୩।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ଓ ତୃତୀୟ ରେଳ ଲାଇନ ସମ୍ପ୍ରସାରଣ ପାଇଁ ରେଳ ବିଭାଗ ଜମିରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଜବରଦଖଲରୁ ଉଚ୍ଛେଦ କରୁଛି ରେଳ ବିଭାଗ । ତେବେ ରାୟଗଡ଼ା ପୌରାଞ୍ଚଳରେ ରେଳ ଜମିରେ ବସବାସ କରୁଥିବା ଏହି ବସ୍ତିବାସିନ୍ଦାଙ୍କ ଥଇଥାନକୁ ନେଇ ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ପୌର ପରିଷଦ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଯେଉଁମାନେ ପୌରାଞ୍ଚଳରେ ରେଳ ବିଭାଗ ଜମିରେ ଜବରଦଖଲ କରି ରହିଛନ୍ତି ସେମାନଙ୍କୁ ପୌରାଞ୍ଚଳର ବିଭିନ୍ନ ସରକାରୀ ସ୍ଥାନ ଚିହ୍ନଟ କରି ଦିଆଯିବ ଏବଂ ଯେଉଁମାନେ ବର୍ତ୍ତମାନ ଜେଏସକୋ ଜମିରେ ବସବାସ କରୁଛନ୍ତି ସେମାନଙ୍କୁ ଆଗାମୀ ଦିନରେ ଧୀରେ ଧୀରେ ଜମି ଦିଆଯିବ ବୋଲି ଜିଲାପାଳ ସ୍ୱଧାଦେବ ସିଂ କହିଥିଲେ । ରାୟଗଡ଼ା ତହସିଲର ୫ଟି ମୌଜାରେ ୫୨ ଏକର ସରକାରୀ ଜମି ଚିହ୍ନଟ ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା। ଟେକାଗୁଡ଼ାଠାରେ ୫ଏକର, ତୁମ୍ବିଗୁଡ଼ାଠାରେ ୨.୪୭ଏକର, ରାମଚନ୍ଦ୍ରପୁରଠାରେ ୧୦ଏକର, ରାଣୀଗୁଡ଼ାଠାରେ ୧୩.୯୫ ଏକର ଏବଂ ରାୟଗଡ଼ା ମୌଜାରେ ୨୧.୯୦ ଏକର ସରକାରୀ ଜମି ଚିହ୍ନଟ କରାଯାଇଛି । ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ଜମିପଟ୍ଟା ପ୍ରଦାନ ସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ସିଂ ଏବଂ ଭାସ୍କର ରାଓ କହିଥିଲେ । ଏଥିସହିତ ଉକ୍ତ ଅଞ୍ଚଳକୁ ବିଜୁ ଆଦର୍ଶ କଲୋନୀ ଭାବେ ଘୋଷଣା କରିବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଏନ.ଭାସ୍କର ରାଓ କହିଛନ୍ତି । ଏହି ବୈଠକରେ ଭାଜପା ନେତ୍ରୀ ତଥା କାଉନସିଲର ମଞ୍ଜୁଳା ମିଣିଆକା ଯୋଗଦେଇ ହିତାଧିକାରୀଙ୍କୁ ପକ୍କା ଘର ପ୍ରଦାନ ପାଇଁ କହିଥିଲେ । ତେବେ ଏ ନେଇ ବିଚାର କରାଯିବ ବୋଲି ଜିଲାପାଳ ସ୍ୱଧାଦେବ ସିଂ କହିଛନ୍ତି ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଏନ୍. ଭାସ୍କରରାଓଙ୍କ ସହ ଅନ୍ୟମାନେ ।

# ଯୁକ୍ତ ୩ମହିଳା ମହାବିଦ୍ୟାଳୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଗୁଣପୁର,୧୩।୧୦(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସ୍ଥିତ ଥାୟରାମ୍ମା ମହିଳା ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ଅନୁଷ୍ଠାନସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଉତ୍ସବରେ କୃତି ଛାତ୍ରୀମାନଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ଶୀୟା ଓ ସଭାପତି ନରସିଂହ ପଟ୍ଟନାୟକ ମାନପତ୍ର ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟସ୍ତରରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ଏବଂ ପରବର୍ତ୍ତୀ ସମୟରେ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ। ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅନ୍ୟାନ୍ୟ ସହକର୍ମୀ ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନା କରିଥିଲେ ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରେ ସୁରଭି

## ମାଟିକଣା ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରାୟଗଡ଼ା,୧୩।୧୦
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋତାପେଟା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମାଟିକଣା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ କଲେଜର ଡାଇରେକ୍ଟର ରାଜେଶ କୁମାର ପାଢ଼ୀ ମୁଖ୍ୟ ଅତିଥି ଏବଂ ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୁରଭି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ସୁରଭି କାର୍ଯ୍ୟକ୍ରମରେ ୧୮ଟି ବଦ୍ୟାଳୟରୁ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ତର୍କ, ବକ୍ତୃତା, ପ୍ରବନ୍ଧ, ସୃଜନଶୀଳ ଲିଖନ, ସଂଗୀତ, କୁଇଜ୍, ଚିତ୍ରାଙ୍କନ ଓ ହସ୍ତକଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମାଟିକଣା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ବେହେରା, ଚନ୍ଦନ କୁମାର ନାୟକ, ସୁଷମାରାଣୀ ପ୍ରଧାନ, ସୁପ୍ରଭା ଭୂୟାଁ, ସଂଗ୍ରାମ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ଜନଜାତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ଲକ୍ଷ୍ୟ

## ଆଦିବାସୀ ମାରାଥନ ଆଦିରନ୍-୨୦୨୩

ରାୟଗଡ଼ା,୧୩।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ତରଫରୁ ଶୁକ୍ରବାର ରାୟଗଡ଼ା ଆଦିବାସୀ ମାରାଥାନ 'ଆଦିରନ୍-୨୦୨୩' ଅନୁଷ୍ଠିତ ହୋଇଯାଇଛି । ଜିଲାରେ ବସବାସ କରୁଥିବା ଜନଜାତିଙ୍କୁ ବିକାଶରେ ସାମିଲ ପାଇଁ ଆୟୋଜିତ ଏହି ମାରାଥନ୍‌ରେ ୧୫ରୁ ୪୫ବର୍ଷ ବୟସ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବର୍ଗର ବ୍ୟକ୍ତିବିଶେଷ ଭାଗ ନେଇଛନ୍ତି । ରାୟଗଡ଼ା ଜିଲା ସଦର ମହକୁମାର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆଠାରେ ଆଦିରନ୍ ମାରାଥନର ଶୁଭାରମ୍ଭ କରାଯାଇଥିଲା। ରାୟଗଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ଅନ୍ୱେଷା କାର୍ଯ୍ୟକ୍ରମ ଉପଦେଷ୍ଟା ଏଲିଦା ଦାସ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୃଥ୍ୱୀରାଜ ସାହୁ, ଜିଲାପାଳ ସ୍ୱଧାଦେବ ସିଂ, ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ପିଏ ଆଇଟିଡିଏ ରାୟଗଡ଼ା ଦିଲୀପ କୁମାର ବେହେରା, ଗୁଣପୁରର ଶାନ୍ତିପ୍ରଭା ପ୍ରଧାନ, କୋଲନରା ବ୍ଲକ୍ ଅଧ୍ୟକ୍ଷା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାରାଥାନର ଉଦ୍‌ଘାଟନ କରିଥିଲେ। ମାରାଥନ ଜିସିଡି ହାଇସ୍କୁଲ ପଡିଆରୁ ଆରମ୍ଭ ହୋଇ ରାୟଗଡା ସହରର ଦୀର୍ଘ ୧୦ କି.ମି. ଅତିକ୍ରମ କରି ପୁନର୍ବାର ଜିସିଡି ହାଇସ୍କୁଲ ପଡିଆଠାରେ ଶେଷ ହୋଇଥିଲା । ଆଦିରନ କାର୍ଯ୍ୟକ୍ରମରେ ୩୨୪୫ଜଣ ଅନ୍‌ଲାଇନ ପଞ୍ଜୀକୃତ କରିଥିଲେ। ତେବେ ପୁରୁଷ ବର୍ଗରେ ବିଡିକା ସିନ୍ଧୁ ଓ ମହିଳା ବର୍ଗରେ ନୀଳେନ୍ଦ୍ରୀ ମାଝି ପ୍ରଥମ ସ୍ଥାନ ଅଧିକାର କରି ଇଲେକ୍ଟ୍ରି ସ୍କୁଟି ପୁରସ୍କାର ସ୍ୱରୂପ ପାଇଥିଲେ। ସେହିପରି ମହିଳା ବର୍ଗରେ ବିନୋଦିନୀ ବିଡିକା ଓ ପୁରୁଷ ବର୍ଗରେ ନେତ୍ରାମଣି ଶବର ଦ୍ୱିତୀୟ ସ୍ଥାନ ଅଧିକାର କରି ସାଇକେଲ ପୁରସ୍କାର ପାଇଥିଲେ ।

ଏହି ଅବସରରେ ମନ୍ତ୍ରୀ ସାରକା ଉଦ୍‌ବୋଧନ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ବିକାଶ ପାଇଁ ରାଜ୍ୟର ୨୩ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନକରି ଆଦିବାସୀ ସମ୍ପ୍ରଦାୟର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାଷା ଓ ଲେଖାକୁ ଉଜ୍ଜୀବିତ କରି ରଖିବାକୁ ପ୍ରୟାସ କରୁଛନ୍ତି। ଘରେ ଘରେ ଆଦିବାସୀଙ୍କ ବିକାଶ ପହଞ୍ଚାଇବା ପାଇଁ ଏସ୍‌ଡିସି ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ସଫଳ ରୂପାୟନ କରିପାରୁଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଭଳି ମାରାଥନ ଆଦିବାସୀ ଯୁବତୀ ଯୁବକଙ୍କୁ ଉତ୍ସାହିତ କରିବା ସହ ନିଜ ସମ୍ପ୍ରଦାୟକୁ ସମ୍ମାନ ଦେବା ଏବଂ ଏହାକୁ ବଞ୍ଚେଇ ରଖିବା ପାଇଁ ପ୍ରୟାସ କରିବ ବୋଲି ମନ୍ତ୍ରୀ ସାରକା କହିଛନ୍ତି । ସେହିପରି ଆଦିବାସୀ ଯୁବତୀ ଯୁବକ କିଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ତାହା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଏସ୍‌ଡିସି ଅଧ୍ୟକ୍ଷା ଅନସୂୟା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଭାସ୍କର ରଇତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର , ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା କ୍ରୀଡା ଅଧିକାରୀ ଶେଖ ଅଲିନୁର,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଆଇପିଇ ହରିହର ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


ଆଦିବାସୀ ମାରାଥନରେ ଭାଗନେଇଥିବା ଯୁବତୀ ଯୁବକ।

## ୫ ଟ୍ରାକ୍ଟରକୁ ୫୦ ହଜାର ଜରିମାନା



**ଜୟପୁର, ୧୩।୧୦ ( ପବନ ପାଣିଗ୍ରାହୀ)**

ଜୟପୁର ତହସିଲ ଅଧୀନ ରାଣିଗଡ ତେଲଙ୍ଗିରି ନଦୀରେ ବେଆଇନ ବାଲି ଚାଲାଣ ବେଳେ ପୋଲିସର ଚଢାଉ କରିଛି। ରାଣିଗଡ ଫାଣ୍ଡି ପୋଲିସ ସେଠାରେ ଚଢାଉ କରି ୫ଟି ଟ୍ରାକ୍ଟର ଜବତ କରି ଜୟପୁର ତହସିଲ ଜିମା ଦେଇଥିଲେ। ଜବତ ଟ୍ରାକ୍ଟରରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସାଗରିକା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର, ୧୩।୧୦ (ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ ଅଧୀନ ଗଡପଦର ଜଙ୍ଗଲରେ ଅବକାରୀ ବିଭାଗ ଶୁକ୍ରବାର ଚଢ଼ାଉ କରିଛି। ଚଢାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ଘଟଣା ସ୍ଥଳରୁ ୧୧ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟିଏ କକ୍ଷରେ ପଢୁଛନ୍ତି ୫ ଶ୍ରେଣୀର ୫୪ ପିଲା

### ଆବଶ୍ୟକ ଭିତ୍ତିଭୂମିର ଅଭାବ

**ଦଶମନ୍ତପୁର, ୧୩।୧୦( ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡ଼ା ପଞ୍ଚାୟତ ଅଧୀନରେ ରହିଛି ପି.ସୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୫୦ ବର୍ଷର ପୁରୁଣା ସ୍କୁଲ। ଏବେବି ଏଠାରେ ପିଲାମାନଙ୍କ ପାଠପଢ଼ା ଚାଲିଛି। କିନ୍ତୁ ଶୈକ୍ଷିକ ବାତାବରଣ ଓ ଭିତ୍ତିଭୂମିର ଅଭାବ ଏଠାରେ ବାରିହୁଏ। ଗୋଟିଏ କକ୍ଷରେ ୫ ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଛି। ଫଳରେ ପିଲାଙ୍କ ପାଠପଢ଼ା ବାଧାପାଉଛି। ଏହାଛଡ଼ା ଏଠାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ମଧ୍ୟ ନାହାନ୍ତି।

୧୯୬୦ରେ ସ୍କୁଲଟି ସ୍ଥାପିତ ହୋଇଥିଲା। ଏଠାରେ ସର୍ଗିଗୁଡ଼ା, ଡି.ସୁଜୁଲି ଏବଂ ପି.ସୁଜୁଲି ଗ୍ରାମର ପିଲାମାନେ ପଢୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୫୪ ଜଣ ଛାତ୍ରୀଛାତ୍ର ଏହି ସ୍କୁଲରେ ପଢୁଛନ୍ତି। ଏଠାରେ ୨ଟି କକ୍ଷ ରହିଛି। ପିଲାଙ୍କ ପାଠପଢ଼ା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା



ପିଲାମାନେ ଶ୍ରେଣୀଗୃହରେ ପଢୁଛନ୍ତି।

ଦେବୀ ଓ ଆଉ ଜଣେ ସହକାରୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଗୋଟିଏ ଗୃହକୁ ଅଫିସ କାର୍ଯ୍ୟାଳୟ କରାଯାଇଥିବାବେଳେ କୌଣସି ବିକଳ୍ପ ପନ୍ଥା ନ ଥିବାରୁ ବାଧହୋଇ ଅନ୍ୟ କୋଠରିରେ ପିଲାଙ୍କୁ ପଢ଼ାଯାଉଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଗୋଟିଏ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ସମୟରେ ଅନ୍ୟ ଶ୍ରେଣୀର ପିଲାମାନଙ୍କୁ ବହୁ ଅସୁବିଧା ହେଉଛି। ଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରିବାକୁ ଦାବି ହୋଇଛି। ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ବହୁବାର ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଦେବୀ କହିଛନ୍ତି। ଏ ସମ୍ପର୍କରେ ବିଇଓ ଦୟାସିନ୍ଧୁ ବାଘଙ୍କୁ ଯୋଗାଯୋଗ କରିବାରୁ ଆବଶ୍ୟକ ଶ୍ରେଣୀଗୃହ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ସହରରେ ଲାଗିଲା ୪୫ ଅତ୍ୟାଧୁନିକ ସିସି କ୍ୟାମେରା

**କୋରାପୁଟ, ୧୩।୧୦ (ଅମିତାଭ ବେହେରା)**



ବିଧାୟକ ଉଦ୍‌ଘାଟନ କରୁଛନ୍ତି।

କୋରାପୁଟ ସହରାଞ୍ଚଳରେ ଅପରାଧ ରୋକିବା ସହିତ ବେଆଇନ ଗାଡି ଚାଳକଙ୍କ ଉପରେ ନଜର ରଖିବା ପାଇଁ ଶୁକ୍ରବାର ସହରରେ ୪୫ ଅତ୍ୟାଧୁନିକ ତଥା ହାଇ ରିଜୋଲେସନ ସିସିଟିଭି କ୍ୟାମେରା ଲଗାଯାଇଛି। ଶୁକ୍ରବାର କୋରାପୁଟ ମ୍ୟୁନିସିପାଲିଟି ଓ କୋରାପୁଟ ପୋଲିସର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଏପରି ସିସିଟିଭି ଲାଗିବା ଦ୍ୱାରା ସହରବାସୀ ସୁରକ୍ଷିତ ରଖିବା ସମ୍ଭବ ହେବ ବୋଲି ସେ କହିଛନ୍ତି। ଏହି ସମସ୍ତ ସିସିଟିଭି କ୍ୟାମେରା ପରିଚାଳନା ପୋଲିସ ମୁଖ୍ୟାଳୟରୁ କରାଯିବ।

ମ୍ୟୁନିସିପାଲିଟିର ନିଜସ୍ୱ ଅନୁଦାନ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ କ୍ରୟ କରାଯାଇଥିବା ୪୫ଟି ହାଇ ରିଜୋଲେସନ କ୍ୟାମେରାକୁ ସହରର ଟ୍ରାଫିକ ଛକ, ପୋଲିସ ମୁଖ୍ୟାଳୟ, ବସଷ୍ଟାଣ୍ଡ, ଉପଜିଲାପାଳଙ୍କ ଛକ, କଳାନିକେତନ ଛକ, ମିଶନ କାଉଣ୍ଡ ଛକ, ଏସ୍‌ପି ବାସଭାବନ ଛକ, ରେଲୱେ ଛକ, ସଦର ଥାନା, ଟାଉନ ଥାନା, ଗୁଣ୍ଡିଚା ଛକ, ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକ, ପରଜାସାହି ଛକ, ସିଙ୍କ୍ୟୋଫ ଛକ, ମେଡିକାଲ କଲେଜ ଛକ, ସରକାରୀ ବାଳକ ବିଦ୍ୟାଳୟ ଛକ, ବାଟ ମଙ୍ଗଳା ମନ୍ଦିର ଛକ, ଡିଏନ୍‌କେ ଛକ, ପୁଜାରିପଟ ଛକରେ ସିସିଟିଭି ଲଗାଯାଇଛି। ସହରରେ ବିଭିନ୍ନ ମୁଖ୍ୟ ଛକ ଓ ଜନସମାଗମ ଅଞ୍ଚଳରେ ଏହି କ୍ୟାମେରା ଲଗାଯିବା ଦ୍ୱାରା ଚୋରି, ଲୁଟ୍‌ପାଟ, ବେଆଇନ ଗାଡି ଚାଳକ, ମୋବାଇଲ ଧରି ଗାଡି ଚଳାଇବା, ଦ୍ରୁତ ଗତିରେ ଓ ହେଲମେଟ୍ ନ ପିନ୍ଧି ବାଇକ୍ ଚଳାଇବା, ବିନା ସିଟ ବେଲଟରେ କାର ଚଳାଇବା ଉପରେ ଅତି ନିକଟରୁ ନଜର ରଖିବ ବୋଲି କୋରାପୁଟ ଏସ୍‌ପି ଅଭିନବ ସୋନକର କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଏହି ଅବସରରେ କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ସମେତ ସମସ୍ତ କାଉନସିଲର, ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସେମିଳିଗୁଡ଼ାରେ କଂଗ୍ରେସର ପଦଯାତ୍ରା

**ସେମିଳିଗୁଡା,ସୁନାବେଡା,୧୩।୧୦ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**

### ଘରେ ଘରେ କଂଗ୍ରେସ ଘରେ ଘରେ ହାତ

ସେମିଳିଗୁଡା ବ୍ଲକ ସଦର ମହକୁମାରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ ସ୍ଲୋଗାନକୁ ସମ୍ମାନ ଜଣାଇ ଶୁକ୍ରବାର କଂଗ୍ରେସର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ ଓ ବ୍ଲକ କଂଗ୍ରେସ ସଭାପତି ସନିଆ ମାଝୀଙ୍କ ନେତୃତ୍ୱରେ ସେମିଳିଗୁଡାସ୍ଥିତ ଗଙ୍ଗା ମା' ମନ୍ଦିର ପ୍ରାଙ୍ଗଣରୁ ଏହି ପଦଯାତ୍ରା ବାହାରିଥିଲା। ପଦଯାତ୍ରାରେ ପଟାଙ୍ଗିର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲା କଂଗ୍ରେସ ମିଡିଆ ବକ୍ତା ରୂପକ ତୁରୁକ, ପଟାଙ୍ଗି ବ୍ଲକ ସଭାପତି ଅର୍ଜୁନ ବାଙ୍କା, ନନ୍ଦପୁର ବ୍ଲକ ସଭାପତି କାମେଶ କାମୁଡି,ରାଜପୁଟ ପଞ୍ଚାୟତ ସରପଞ୍ଚ ପିତାମ୍ବର କିର୍ଶାନିଙ୍କ ସମେତ ସେମିଳିଗୁଡା,ପଟାଙ୍ଗି ଓ ନନ୍ଦପୁର ବ୍ଲକ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ରାଜ୍ୟରେ ବିଜେଡ଼ି ବିଜେପିର ପ୍ରତିଶ୍ରୁତି ଓ ପ୍ରତାରଣା, କୃଷି ଓ କୃଷକର ସମସ୍ୟା, ବେକାରୀ ସମସ୍ୟା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତିବାସିନ୍ଦା ଓ ଗରିବ ବାସହୀନ ଆଦି ୨୦ଟି ସମସ୍ୟା ସମ୍ବଳିତ ପ୍ରଚାରପତ୍ର ବ୍ଲକ ଅଞ୍ଚଳରେ ବଣ୍ଟା ଯାଇଥିଲା। ଏହି ପଦଯାତ୍ରା ଦ୍ୱାରା ଘରେ ଘରେ କଂଗ୍ରେସ ଦଳର କର୍ମୀ ପହଞ୍ଚି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରିବେ ବୋଲି ନେତାମାନେ ସୂଚନା ଦେଇଛନ୍ତି। ଆଗାମୀ ୨୦୨୪ ନିର୍ବାଚନ ପାଇଁ ଘରେ ଘରେ ହାତ ଚିହ୍ନର ପ୍ରଚାର ଓ କଂଗ୍ରେସ ଦଳର ଆଭିମୁଖ୍ୟ ସମ୍ପର୍କରେ ଜଣାଯିବ ବୋଲି ଜିଲା ସଭାପତି ସାହୁ କହିଥିଲେ। ଏହି ପଦଯାତ୍ରା ସେମିଳିଗୁଡା ବ୍ଲକ ସଦର ମହକୁମାରୁ ଆରମ୍ଭ ହୋଇ ଦଳେଇଗୁଡା, ପାକଝୋଲା, କୁନ୍ଦୁଲି, ହାଟଗୁଡା, ପରଜା ମୁଠାଇ ପଞ୍ଚାୟତ ହୋଇ ଆନ୍ଧ୍ର ସୀମାନ୍ତ ସାଡ଼ାମ ପଞ୍ଚାୟତରେ ଶେଷ ହୋଇଥିଲା। ପରବର୍ତ୍ତୀ ସମୟରେ ବ୍ଲକ କଂଗ୍ରେସ କର୍ମକର୍ତ୍ତାମାନେ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଇବେ ବୋଲି ପୂର୍ବତନ ବିଧାୟକ କାଡାମ କହିଛନ୍ତି ।




ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

# ସିନ୍ଧେଦେବୀ କଲେଜରେ ସାଂସ୍କୃତିକ ପ୍ରତିଯୋଗିତା




**ନନ୍ଦପୁର,୧୩।୧୦ (ଶଙ୍କର ପୂଜାରୀ)**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ନନ୍ଦପୁର ସଦର ମହକୁମାସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଚାଲିଥିବା ଏହି ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀ ୧୦ଟି ବିଭାଗରେ ଭାଗନେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। କବିତା ଲିଖନ, ଶବ୍ଦ ଖେଳ, ଚିତ୍ରାଙ୍କନ, ବକ୍ତୃତା, ଏକକ ନୃତ୍ୟ ପରିବେଷଣ, ସଙ୍ଗୀତ ପରିବେଷଣ, ହାସ୍ୟ ରସାତ୍ମକ ଅଭିନୟ, ଏକକ ବାଦ୍ୟଯନ୍ତ୍ର ପରିବେଷଣ, ଦଳଗତ ନୃତ୍ୟ ପରିବେଷଣ ଓ ବାଦ୍ୟ ମଣ୍ଡଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତା ପାଇଁ ବିଚାରକ ଭାବେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠି, ଏମ୍ ଜୟା, ସୁରଭି ପାଣିଗ୍ରାହୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା, କେଦାର ସାହୁକାର, ନରସିଂହ ଖୋସଲା ପ୍ରମୁଖ ଆଗାମୀ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ କୃତୀ ପ୍ରତିଯୋଗୀଙ୍କୁ ଚୟନ କରବା ସହ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ ଗୁରୁବାର ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ସହ ଲୁକ୍କାୟିତ ପ୍ରତିଭାର ବିକାଶ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଓ ମହାବିଦ୍ୟାଳୟ ଏଥିପ୍ରତି ସଚେତନ ବୋଲି କହିଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଡିଗ୍ରୀ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପଟାଙ୍ଗି, ୧୩।୧୦(ଶରତ ଧଳ)**

କୋରାପୁଟ ଜିଲା ପଟାଙ୍ଗି ସଦର ମହାକୁମାସ୍ଥିତ ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ସମୟରେ ନୂତନ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ଛାତ୍ରୀଛାତ୍ରମାନେ ପାଛୋଟି ନେଇଥିଲେ। ଅଧ୍ୟକ୍ଷ ଜମ୍ବେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ଅଧ୍ୟାପକ ଅଶୋକ କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଭାପତି ରବି ନାରାୟଣ ସୁତାର, ମହାବିଦ୍ୟାଳୟ ପ୍ରତିଷ୍ଠାତା ରାମ ପ୍ରସାଦ ଚୌଧୁରୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପାଠପଢ଼ା ସହ ଅଧ୍ୟାପିକା ଅଧ୍ୟାପିକଙ୍କ ସହ ଉତ୍ତମ ବ୍ୟବହାର ରଖିବାକୁ ଅତିଥିମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ନୂତନ ଛାତ୍ରୀଛାତ୍ରମାନେ ନିଜର ପରିଚୟ ଦେଇଥିଲେ। ମହାବିଦ୍ୟାଳୟରେ ବରିଷ୍ଠ କନିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯେପରି ଭାଇଚାରା ବଜାୟ ରହିବ ସେ ନେଇ ସିନିୟର ଛାତ୍ରୀଛାତ୍ର ବୁଝାଇଥିଲେ। ବଡ଼ ଭଉଣୀ ଭାଇଙ୍କଠାରୁ କିଛି ଶିକ୍ଷା ଲାଭ କରିବା ସହିତ ଗୁରୁଜନଙ୍କୁ ଯେପରି ସମ୍ମାନ ଦେବା ଓ ତାଙ୍କଠାରୁ ଶିକ୍ଷା ଲାଭ କରିବାକୁ ଅଧ୍ୟକ୍ଷ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଜେମେସ ଫ୍ରାଂକ୍ଲିନ ଖୁରା, ଅଧ୍ୟାପିକା ସରିତା ସାହୁ, ଅବନୀ ମହାରଣା, ଝିଲିରାଣୀ ସାମନ୍ତରାୟ, ଗୀତାଞ୍ଜଳି ବିଷୋୟୀ, ପ୍ରଶାନ୍ତ ଦାଶ, ଆଶିଷ ମହାରଣା, ଦାଶରଥି ନାୟକ, ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଅମୀୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ରୁଞ୍ଜାଗୁଡ଼ାରେ କ୍ଲଷ୍ଟରସ୍ତରୀୟ ସୁରଭି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କୋରାପୁଟ, ୧୩।୧୦(ଅମିତାଭ ବେହେରା)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ରୁଞ୍ଜାଗୁଡ଼ା କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୩ କାର୍ଯ୍ୟକ୍ରମ ରୁଞ୍ଜାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶମନ୍ତପୁର ବିଇଓ ଦୟାସିନ୍ଧୁ ବାଘ ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁନାଧର ସଗର, ଏସ୍. ମାଣ୍ଡିଙ୍ଗି, ରୁଞ୍ଜାଗୁଡ଼ା ସିଆରସିସି ଭି. ରାମବ୍ରହ୍ମମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୧୮ ବିଦ୍ୟାଳୟର ପ୍ରାୟ ୪ଶହ ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଧରଣୀଧର ରଣା, ଏସ୍. ସୁରେଶ କୁମାର ପରିଚାଳନା କରିଥିଲେ। ଶିକ୍ଷକ ରଶ୍ମିପ୍ରଭା ପାତ୍ର, ସରୋଜ କୁମାର ପଣ୍ଡା, ସାଇବୁ ଓରାମ, ଅଜୟ କୁମାର ଶତପଥୀ, ସଦା ମୁଦୁଲି, ଦିବାକର ନାଗ, ମଧୁମତୀ ନାୟକ, ପ୍ରହରାଜ କୁମାର ରଥନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦଶହରା ସୁରୁଖୁରୁରେ ପାଳିବା ନେଇ ଆଲୋଚନା



ବୈଠକରେ ଯୋଗଦେଇଥିବା ସେବାୟତ ଓ ଅଧିକାରୀମାନେ।

**ଜୟପୁର, ୧୩।୧୦( ପବନ ପାଣିଗ୍ରାହୀ)**

### ସେବାୟତଙ୍କ ସହ ଦେବୋତ୍ତର ଅଧିକାରୀଙ୍କ ବୈଠକ

ଜୟପୁର ଗୀତା ଭବନ ପରିସରରେ ସେବାୟତ ଓ ଦେବୋତ୍ତର ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହାଇଛି। ବୈଠକରେ ଦେବୋତ୍ତର ଅଧିକାରୀ ତଥା ତହସିଲଦାର ସାଗରିକା ଷଡଙ୍ଗୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜୟପୁର ଦଶହରା ଯେପରି ସୁରୁଖୁରୁରେ ହୋଇପାରିବ ସେ ନେଇ ଆଲୋଚନା କରାଯାଇଛି। ବୈଠକରେ ଲାଠିଧାରୀ, ସେବାୟତ, ମୁଡରିଆ ଭଳି ୩୦ ଜଣ ଯୋଗ ଦେଇଥିଲେ। ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝାଯାଇଛି।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା

**ବୋରିଗୁମ୍ମା, ୧୩।୧୦ (ବିଜୟ ସାହୁ)**

କୋରାପୁଟ ଜିଲା ବୋରିଗୁମ୍ମାଠାରେ ଶୁକ୍ରବାର ଜୟପୁର ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ ପଦଯାତ୍ରାରେ ୧୯ଟି ପଞ୍ଚାୟତର କର୍ମୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ବିଷୟରେ ଜନତାଙ୍କୁ ଅବଗତ କରିବା ମୁଖ୍ୟ ଲକ୍ଷ୍ୟ । ଖୁବ୍‌ଶୀଘ୍ର ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ଯୋଗାଇବା ପାଇଁ ସମସ୍ତ କସରତ ଚାଲିଥିବା ରବି ନନ୍ଦ କହିଥିଲେ। ପଦଯାତ୍ରାରେ ବିଜେଡିର ବରିଷ୍ଠ ମହିଳା ନେତ୍ରୀ ଡାକ୍ତର ଇନ୍ଦିରା ନନ୍ଦଙ୍କ ସହ ଅନ୍ୟାନ୍ୟ ନେତ୍ରୀବୃନ୍ଦ ଢେମସା ନାଚ କରି ରାଜ୍ୟ ସରକାରଙ୍କ ଗୁଣଗାନ କରିଥିଲେ । ବୋରିଗୁମ୍ମା ଦାଶିରୀ ସାହିସ୍ଥିତ ନୀଳମାଧବ ମନ୍ଦିରରୁ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପଦଯାତ୍ରାରେ ବୋରିଗୁମ୍ମା ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜୟପୁର ବ୍ଲକ୍ ଉପାଧ୍ୟକ୍ଷ, ଜିଲା ପରିଷଦ ଉପସଭାପତି, ଜିଲା ପରିଷଦ ସଦସ୍ୟା ଜୋନ -୨ ଏମ୍‌ପି ପ୍ରାର୍ଥିନୀ କୌଶଲ୍ୟା ହିକକା, କୋରାପୁଟ ଜିଲା ମହିଳା ସଭାନେତ୍ରୀ ପ୍ରଭାତୀ ମହ୍ତି, ମହିଳା ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଏମ୍. ମାଙ୍ଗମା , ବୋରିଗୁମ୍ମା ଜୋନ ୨ ଜିଲା ପରିଷଦ ସଭ୍ୟ ମଞ୍ଜୁଲା ଘାସି, ଲାଳ ମଣି ସିଂହ, ଲିଲି ବରିଡ଼ି, ସୁଷମା ନାୟକ, ଧନିତ୍ରୀ ଗୋଲାରି ଦୀପ୍ତି ପ୍ରମୁଖ ସାମିଲ ଥିଲେ। ବ୍ଲକ ସଭାପତି ଟିକି ପଟ୍ଟନାୟକ, ବ୍ଲକ୍ କାର୍ଯ୍ୟକାରୀ ସଭାପତି ମୁନା ଦୋରା , ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ, ଚିତ୍ରସେନ ମିଶ୍ର, ଚମରୁ ଘାସି,ନାଗୁ ଦୋରା, ଗୁପ୍ତ ଗନ୍ତାୟତ ପ୍ରମୁଖ ପଦଯାତ୍ରାରେ ଯୋଗ ଦେଇ ଥିଲେ ।



ପଦଯାତ୍ରାରେ ରବି ନନ୍ଦଙ୍କ ସହ ଅନ୍ୟ ବିଜେଡି ନେତା ଓ କର୍ମୀମାନେ।

# ଭଲିବଲରେ ଅନ୍ତା, ଫୁଟ୍‌ବଲ୍‌ରେ ଧନପୁର ଚାମ୍ପିୟନ

### ଏସ୍‌ଡିସି କପ ପ୍ରତିଯୋଗିତା ଉଦ୍‌ଯାପିତ

**ଜୟପୁର, ୧୩।୧୦( ପବନ ପାଣିଗ୍ରାହୀ)**

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଏସ୍‌ଡିସି କପ ପ୍ରତିଯୋଗତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନି ଉତ୍ସବରେ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ଅସ୍ଥା ନାୟକ, ରଶ୍ମି ମିଶ୍ର ପୌର ଉପାଧ୍ୟକ୍ଷ ବି. ସୁନିତା ଏସଡିସି ସଦସ୍ୟ ବୈଦନାଥ ନାୟକ, ଟଙ୍କ ଧର ହଲବା, ଉନ୍ନୟନ ପରିଷଦ ଏକ୍ସପର୍ଟ ସୂର୍ଯ୍ୟ ନାରାୟଣ ରଥ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବ୍ଲକ ଅଧୀନରେ ଥିବା ହାଇସ୍କୁଲ ପିଇଟି ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରଥମେ ପଞ୍ଚାୟତ ସ୍ତରରେ ଫୁଟବଲ ଏବଂ ଭଲିବଲ ପ୍ରତିଯୋଗିତା କରାଯାଇଥିଲା। ସେଠାରେ ଚୟନ ହୋଇଥିବା ଖେଳାଳିମାନେ ବ୍ଲକସ୍ତରୀୟ ପ୍ରତିଯୋଗତାରେ ଭାଗ ନେଇଛନ୍ତି। ଭଲିବଲରେ ଅନ୍ତା ବିଜୟୀ ଓ କାଳିଆ ଗାଁ ରନର୍ସ ଅପ୍ ହୋଇଥିଲା। ଫୁଟବଲରେ ଧନପୁର ବିଜୟୀ ଓ ବାରିଣିପୁଟ ରନର୍ସ ଅପ୍ ହୋଇଥିଲା। ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଛି। ପ୍ରକାଶ ଯେ, ଜୟପୁର ଦଶହରା ପଡିଆରେ ଗତ ୧୧ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା।



ଅତିଥି ଧନପୁର ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଦେହରେ କିରୋସିନ ଢାଳି ମହିଳାଙ୍କ ଆତ୍ମହତ୍ୟା

**ଦିଗପହଣ୍ଡି,୧୩।୧୦(ଅଶେଷ ନାଥ ମିଶ୍ର):**

ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟ ଦଧିବାମନ କଲୋନୀ ବାସିନ୍ଦା ରୀନା ପାଣି ନାମ୍ନୀ ଜଣେ ମାନସିକ ବିକୃତ ମହିଳା ଗୁରୁବାର ବିଳମ୍ବିତ ରାତିରେ ନିଜ ଦେହରେ କିରୋସିନ ଢାଳି ପୋଡ଼ି ହୋଇ ଆତ୍ମହତ୍ୟା କରିଛନ୍ତି। ସେ ପ୍ରାୟ ୨୦ ବର୍ଷ ହେଲା ମାନସିକ ରୋଗୀ ଭାବେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାମୀ ବିନୋଦ ଚନ୍ଦ୍ର ପାଣି ଜଣେ ଅବସର ପ୍ରାପ୍ତ ଶିକ୍ଷକ। ଘରେ ରାତିରେ ଖାଇ ସମସ୍ତେ ଶୋଇବା ପରେ ସେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପାଟି ଶୁଣି ପରିବାର ଲୋକେ ପଡୋଶୀଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳୁ ଦିଗପହଣ୍ଡି ପୋଲିସ ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଘରୁ ସୁନାଗହଣା, ଟଙ୍କା ଚୋରି

**ବ୍ରହ୍ମପୁର,୧୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ବଡବଜାର ଥାନା ଅନ୍ତର୍ଗତ ହର୍ଷ ବିହାରରେ ରହୁଥିବା ଭରତ ସାହୁ(୬୩)ଙ୍କ ଘରୁ ଚୋରି ହୋଇଛି। ଏ ନେଇ ସେ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଛି। ଗତ ସେପ୍ଟେମ୍ବର ୨୭ତାରିଖରେ ଭରତ ତାଙ୍କ ଘରେ ତାଲା ପକାଇ ପରିବାର ସହ କୌଣସି କାମରେ ଦିଲ୍ଲୀ ଯାଇଥିଲେ। ଗତ ୧୧ ତାରିଖ ରାତିରେ ଘରକୁ ଫେରିଥିଲେ। ଘର ମୁଖ୍ୟ କବାଟ ତାଲା ଭଙ୍ଗାଯାଇଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ପରିବାର ଲୋକେ ଘର ଭିତରକୁ ଯାଇ ଦେଖିବା ବେଳେ ଆଲମୀରାରୁ ଦୁଇଟି ସୁନା ମୁଦି, ଦୁଇ ହଳ ସୁନା କାନଫୁଲ, କିଛି ରୁପା ସାମଗ୍ରୀ ଓ ୩୦ହଜାର ଟଙ୍କା ଚୋରି ହୋଇଥିବା ଜଣାପଡିଥିଲା। ପରେ ଭରତ ଏନେଇ ବଡବଜାର ଥାନାକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛି। ଏ ନେଇ ୩୮୯/୨୩ ରେ ଏକ ମାମଲା ରୁଜୁ ହୋଇଛି।

### ଯୁବତୀଙ୍କୁ ଗର୍ଭବତୀ ମାମଲାରେ ବୃଦ୍ଧ ଗିରଫ

**ଗୋପାଳପୁର,୧୩।୧୦(ନବୀନ ରାଜ ଆଚାରୀ):**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରି ଗର୍ଭବତୀ କରିବା ମାମଲାରେ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଶ୍ୱନାଥପୁର ଗ୍ରାମର ମନୁ ନାଇକ (୭୦)। ସୂଚନା ଅନୁସାରେ ବିଶ୍ୱନାଥପୁର ଓଡ଼ିଆରପି କଲୋନୀରେ ମନୁ ରହୁଥିବା ବେଳେ ପଡ଼ୋଶୀ ଘରେ ଜଣେ ଯୁବତୀ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛି ମାସ ତଳେ ମନୁ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରି ଚାଲିଥିଲେ। ଇତି ମଧ୍ୟରେ ଯୁବତୀ ଜଣକ ସାତ ମାସର ଗର୍ଭବତୀ ହୋଇଥିଲେ।

# ଏକ ସୁସ୍ଥ ଭବିଷ୍ୟତ ପାଇଁ ସଚେତନତା

## କୋରାପୁଟଠାରେ ବିଶ୍ୱ ଅଣ୍ଡା ଦିବସ

**କୋରାପୁଟ,୧୩।୧୦(ଅମିତାଭ ବେହେରା)**


ଅଣ୍ଡା ଦିବସ ଅବସରରେ ସଚେତନ କରାଯାଉଛି ।

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସହାୟତାରେ କୋରାପୁଟ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ଅଡିଟୋରିୟମରେ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସ୍‌ଲୱାର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଚିତ୍ର ମୋହନ ଦାସ ଏବଂ ଏଡିଭିଓ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଚଳିତ ବର୍ଷ ବିଶ୍ୱ ଅଣ୍ଡା ଦିବସ ଅବସରରେ ଏକ ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡା ଦର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୋରିଗୁମ୍ମା ଅଞ୍ଚଳରେ ୯୪ ହଜାର ବିଶିଷ୍ଟ ଏକ ଅଣ୍ଡାଦିଆ କୁକୁଡା ଫାର୍ମ ରହିଥିବା ବେଳେ ଜୟପୁରଠାରେ ମଧ ୩୦ ହଜାର ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ଫାର୍ମ କରାଯାଇଥିବା ବେଳେ କୋରାପୁଟର ମହାଦେଇପୁଟ ସମେତ ବିଭିନ୍ନ ଜାଗାରେ ମଧ୍ୟ ଛୋଟ ଛୋଟ ଫାର୍ମ କରାଯାଇଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପଣ୍ଡା ସୁଚନା ଦେଇଥିଲୋ।

ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାରେ ଥିବା ଚାଷୀମାନଙ୍କୁ ଅଣ୍ଡାଦିଆ କୁକୁଡା ପାଳନ ନେଇ ପ୍ରୋତ୍ସାହିତ କରାଯାଉଥିବା ବେଳେ ସରକାରଙ୍କ ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ବିଷୟରେ ଉପସ୍ଥିତ ଜିଲାର ଶତାଧିକ ଚାଷୀମାନଙ୍କୁ ସଚେତନ କରାଇଥିଲେ। ବିଶ୍ୱ ଅଣ୍ଡା ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଭିଡିଓ କନ୍‌ଫରେନ୍ସରେ କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ସିଧା ପ୍ରସାରଣ କରାଯିବା ସହିତ ରାଜ୍ୟ କୃଷି ଓ ପଶୁ ପାଳନ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ ।

# କୁକୁଡ଼ା ପାଳନ ପାଇଁ ସଚେତନତା



ଅତିଥିମାନେ ଅଣ୍ଡାରେ ପ୍ରସ୍ତୁତ ଖାଦ୍ୟ ସମ୍ପର୍କରେ ସଚେତନ କରୁଛନ୍ତି।

**ରାୟଗଡା,୧୩।୧୦ (ଭାଗ୍ୟଶ୍ରୀ ମିଶ୍ର)**

ରାୟଗଡ଼ା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ହାଡିବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ-୨୦୨୩ ପାଳିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ଼. ଦିଗାମ୍ବର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରୀ ଚୂଳକାନ୍ତି ତାଜନ ଏବଂ ରାୟଗଡ଼ା ପ୍ରକଳ୍ପ ପ୍ରଶାସକ ଡା ଦିଲ୍ଲୀପ କୁମାର ବେହେରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ, ୧୦୦ରୁ ଅଧିକ କୁକୁଡ଼ା ଫାର୍ମ ଉଦ୍ୟୋଗୀ, କୁକୁଡ଼ା ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦାନ କରିଥିଲେ । ମଞ୍ଚରେ ମଞ୍ଚାସୀନ ଅତିଥିମାନେ କହିଥିଲେ ଯେ, ଜିଲାରେ ଅଣ୍ଡା ଉତ୍ପାଦନଠାରୁ ଯଥେଷ୍ଟ ଅଧିକ ଚାହିଦା ରହିଛି । ଫଳରେ ବାହାର ରାଜ୍ୟରୁ ଅଣ୍ଡା ଆମଦାନୀ କରାଯାଉଛି। ତେଣୁ କିପରି ଅଧିକ କୁକୁଡ଼ା ପାଳନ କରିବେ ସେ ନେଇ ଗୁରୁତ୍ୱାରୋପ କରିଛନ୍ତି। କମ ଟଙ୍କାରେ ପ୍ରୋଟିନ ଖାଦ୍ୟକୁ ନିଜ ଡାଏଟରେ ସମସ୍ତେ ସାମିଲ କରିବାକୁ ଆହ୍ୱାନ କରିଛନ୍ତି । ବିଷମକଟକ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଚମ୍ପେଶର ଭର୍ତିଆ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ନରେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୟୁଜିଏମଆଇଟି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ସେବା ସମାଜ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଗୁଣୁପୁରର ଲିମାମେଡାସ୍ଥିତ ବାଲ ନିକେତନ, ସେବା ସାମାଜ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ବିଭାଗ ତରଫରୁ ଅଣ୍ଡାର ଉପକାରିତା ବିଷୟରେ ସଚେତନ କରାଯାଇ ସମସ୍ତଙ୍କୁ ସିଝା ଅଣ୍ଡା ବଣ୍ଟନ କରାଯାଇଥିଲା।

### ଅପହରଣ, ହତ୍ୟା ମାମଲାରେ ଜଣେ ଗିରଫ

**କୋଦଳା,୧୩।୧୦(ଅମିତ କୁମାର ପଟ୍ଟନାୟକ)**

ଗତ ୬ତାରିଖରେ କୋଦଳା କୋର୍ଟରୁ ଫେରୁଥିବା ବେଳେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ ଖରିଡ଼ା ଗ୍ରାମର ଦିପୁ ପାତ୍ରଙ୍କୁ ଅପହରଣ ଏବଂ ହତ୍ୟା ମାମଲାରେ ପୋଲିସ ଆଉ ଜଣକୁ ଗିରଫ କରିଛି। ସେ ହେଲେ କୋଦଳା ଥାନା ଜେ ଛଟିନା ଗ୍ରାମର ଭୋଳା ନାହାକ। ଗୁରୁବାର ରାତିରେ ଥାନା ଅଧିକାରୀ ଉମାକାନ୍ତ ସାହୁ ଚଢ଼ାଉ କରି ଭୋଳାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ବନ୍ଧୁକ ଏବଂ ୪ଟି ଜୀବନ୍ତ ଗୁଳି ଜବତ କରିଛନ୍ତି। ଏହି ଅପହରଣ ଏବଂ ହତ୍ୟା ମାମଲାରେ ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକକୁ ସୁଧାର ଗୃହକୁ ପଠାଇଥିଲା।

## ଶହୀଦଙ୍କ ଜନ୍ମମାଟିରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**କାଲିମେଳା, ୧୩।୧୦(ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ପୁସୁଗୁଡ଼ା ପଞ୍ଚାୟତ କୋଣ୍ଡାପାଲି ଗ୍ରାମରେ ଶହୀଦ ତୋମା ଦୋରା ଜନ୍ମ ସ୍ଥାନରୁ ଅମୃତ କଳସରେ ମାଟି ସଂଗ୍ରହ କରିବା ସହିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଗଛ ଲଗାଯାଇଛି । ଏହି ଅବସରରେ ଗ୍ରାମର ମୁଖିଆ ଏଙ୍କା ସୋନାମ ତୋମା ଦୋରା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟ ଅତିଥି ଭାବେ ଜୋନ୍-୩ ପୂର୍ବତନ ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରି, ମାଲାଭରମ ଭାଜପା ମଣ୍ଡଳ ସଭାପତି ନାରାୟଣ ସରକାର, ଭାଜପା ଜିଲା ସମ୍ପାଦକ ସପନ ରାୟ, ବରିଷ୍ଠ ନାଗରିକ ନିତାଇ ଚନ୍ଦ୍ର ଦେ, ପୁସୁଗୁଡା ନାଏବ ସରପଞ୍ଚ ମିଡିଆ ମୁଡ଼ା ସମେତ ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ। ଦେଶ ୭୫ ବର୍ଷ ସ୍ୱାଧୀନତା ପୂରଣ କରିଥିବା ବେଳେ ଏହାକୁ ଦେଶର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ସ୍ୱାଧୀନତାର ଅମୃତ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦେଶର ଗୌରବମୟ ଇତିହାସକୁ ସଂରକ୍ଷଣ କରିବା ପାଇଁ ଦିଲ୍ଲୀରେ ନବନିର୍ମିତ ପାର୍ଲାମେଣ୍ଟ ଭବନ ଅମୃତବାଟିକାରେ ମାଟି ରଖାଯାଇ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ।


ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ବ୍ଲକ୍‌ସ୍ତରୀୟ ବୈଷୟିକ ତାଲିମ



**କୋରାପୁଟ,୧୩।୧୦(ଅମିତାଭ ବେହେରା)**

କୋରାପୁଟ ବ୍ଲକ୍‌ସ୍ତରୀୟ ବୈଷୟିକ ତାଲିମ ୟୁ ଡାଇସ୍ ପ୍ଲସ୍ ଶୁକ୍ରବାର ପରିସମାପ୍ତି ହୋଇଛି। ୨ ଦିନ ଧରି ଏହି ତାଲିମ ଚାରୋଟି ଦଳରେ ବିଭକ୍ତ କରି ଆୟୋଜନ କରାଯାଇଥିଲା। ପ୍ରତି ଦଳରେ ୫୦ ଜଣ ହିସାବରେ ୨୦୦ ଶିକ୍ଷୟିତ୍ରୀ ଶିକ୍ଷକ ଏହି ତାଲିମରେ ଯୋଗ ଦେଇଥିଲେ। କୋରାପୁଟ ବ୍ଲକ୍ ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ ପ୍ରାଥମିକ,ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଏବିଇଓ ଜସନ୍ ବେନ୍ୟା ଯୋଗ ଦେଇଥିଲେ। ସମଗ୍ର ଶିକ୍ଷା କୋରାପୁଟ କାର୍ଯ୍ୟାଳୟର ପ୍ରୋଗ୍ରାମର ଶୁଭେନ୍ଦୁ ପାଢ଼ୀ, ସିଆର୍‌ସିସି ପ୍ରଦୀପ ପାତ୍ର, ହର ମିଶ୍ର, ତ୍ରିଲୋକେଶ ପଣ୍ଡା, ସୁବୋଧ ମାଝି, ସୂର୍ଯ୍ୟ ବେହେରା, ବାସୁଦେବ ଦାସ, ଲୁଙ୍ଗୁରି ଶଙ୍କର ଓ ସୁଜିତ ପଲେଇ ସହାୟତା କରିଥିବା ବେଳେ ବ୍ଲକ୍ ପ୍ରୋଗ୍ରାମର ସଂଗୀତା ପଟ୍ଟନାୟକ ତାଲିମ ପ୍ରଦାନ କରିଥିଲେ।

### ପାର୍କରେ ଯୁବକଙ୍କ ମୃତ୍ୟୁ, ମେଡିକାଲରେ ଉତ୍ତେଜନା

**କବିସୂର୍ଯ୍ୟନଗର,୧୩।୧୦ (କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ସହରର ହନୁମାନ ମନ୍ଦିର ସମ୍ମୁଖରେ ଥିବା ପାର୍କରେ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଡ଼ିଆ ପାଇକସାହିର ବସନ୍ତ ସାହୁଙ୍କ ବଡପୁଅ ଶିବରାମ (୨୨)। ସନ୍ଧ୍ୟାରେ ପାର୍କରେ ବୁଲୁଥିବା ବେଳେ ଶିବରାମ ହଠାତ୍ ଅଚେତ ହୋଇପଡିଥିଲେ। ତାଙ୍କୁ କବିସୂର୍ଯ୍ୟନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ମେଡିକାଲରେ ମୁଖ୍ୟ ଡାକ୍ତରଙ୍କ ଅନୁପସ୍ଥିତି ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶିବଙ୍କ ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି।

## ଲିଜେଣ୍ଡ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

**କୋରାପୁଟ,୧୩।୧୦(ଅମିତାଭ ବେହେରା)**

କୋରାପୁଟର ମସ୍ତିପୁଟ ଗ୍ରାମରେ ଲିଜେଣ୍ଡ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମସ୍ତିପୁଟ ୱିନର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାର ବିକାଶ ଏବଂ ଫୁଟବଲ୍‌ର ଲୋକପ୍ରିୟତା ବିଷୟରେ ବକ୍ତବ୍ୟ ରଖି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ୨୦ ଟି ଦଳ ଭାଗ ନେଇଛନ୍ତି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ବିଜେତା ଦଳକୁ ନଗଦ ୫୦ ହଜାର, ରନର୍ସଅପ୍ ଦଳକୁ ୩୦ ହଜାର ଏବଂ ତୃତୀୟ ବିଜେତା ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ଦିଆଯିବ। ଶ୍ରେଷ୍ଠ ଡିସପ୍ଲିନ ଦଳକୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ ପକ୍ଷରୁ ଜଣାଯାଇଛି। ଏହି ଅବସରରେ କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ବାବୁଲା ବେନିଆଙ୍କ ସମେତ ବହୁ ଲୋକପ୍ରତିନିଧି ଓ କ୍ରୀଡ଼ାବିତ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି ।

## ଫୁଟବଲ୍‌ରେ ହିକିମପୁଟ, ଭଲିବଲ୍‌ରେ ପାଡୁଆ ଚାମ୍ପିୟନ

**ନନ୍ଦପୁର, ୧୩।୧୦(ଶଙ୍କର ପୂଜାରୀ)**

ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବୁଧବାରରୁ ଗ୍ରାମାଞ୍ଚଳରୁ ଖେଳ ପ୍ରତିଭା ସନ୍ଧାନାର୍ଥେ ଆୟୋଜିତ ଭଲିବଲ୍ ଓ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। କୁଲାବିରସ୍ଥିତ ଖେଳ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତାରେ ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରୁ ଭଲିବଲ ଖେଳରେ ୧୬ ଓ ଫୁଟବଲ୍ ପାଇଁ ୧୮ ଦଳ ଭାଗ ନେଇଥିଲେ। ଫୁଟବଲ୍ ପ୍ରତିଯୋଗିତାରେ ହିକିମପୁଟ ଦଳ ଓ ଭଲିବଲରେ ପାଡୁଆ ଦଳ ଚାମ୍ପିୟନ ହୋଇଛି। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଅତିଥି ଟ୍ରଫି ସହ ପୁରସ୍କାର ରାଶୀ ପ୍ରଦାନ କରିଛନ୍ତି। ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ଡୁଲ, ନନ୍ଦପୁର ବିଡିଓ ସୁଜିତ୍ କୁମାର ମିଶ୍ର, ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ନନ୍ଦପୁର ତହସିଲଦାର ନରସିଂହ ଗାଦବା ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀ, ରାଜନେତା, ଲୋକ ପ୍ରତିନିଧି, ଖେଳାଳି ଓ ଯୁବଗୋଷ୍ଠୀଙ୍କ ଢେମେସା ନୃତ୍ୟରେ କୁଲାବିର ପଡିଆ ଦୁଲୁକି ଥିଲା। ନନ୍ଦପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।


ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ପ୍ରତିଜ୍ଞାବଦ୍ଧ ରହିଲେ ଲକ୍ଷ୍ୟରେ ପହଞ୍ଚି ହେବ

## ନବରଙ୍ଗପୁର କଲେଜରେ ୩ ବିଭାଗର ଆଲୋଚନା ଚକ୍ର

**ନବରଙ୍ଗପୁର,୧୩।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମହାବିଦ୍ୟାଳୟରେ ପାଠ୍ୟକ୍ରମ ଭିତ୍ତିକ ତିନିଗୋଟି ବିଭାଗୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜ ମୌଳିକ କର୍ତ୍ତବ୍ୟ ଓ ଧର୍ମ ଅନୁପାଳନ କରିବା କରିବା ପାଇଁ ଦୃଢ଼ ପ୍ରତିଜ୍ଞାବଦ୍ଧ ରହିଲେ ଲକ୍ଷ୍ୟରେ ପହଞ୍ଚି ପାରିବେ ବୋଲି ସେ କହିଥିଲେ। ପଦାର୍ଥ ବିଜ୍ଞାନ ବିଭାଗରେ 'ଭୌତିକ ବିଜ୍ଞାନରେ ଆଧୁନିକ ନିୟମର ପ୍ରଭାବ' ବିଷୟରେ ଏକ ପାଠ୍ୟଚକ୍ର କରାଯାଇଥିଲା। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଜିତେନ୍ଦ୍ର କୁମାର ରଥ ସ୍ୱାଗତ ଅଭିଭାଷଣ ଦେଇ ପାଠ୍ୟଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ।

ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଅଧିକ ଗବେଷଣା କରିବାକୁ ଉତ୍ସାହିତ କରିଥିଲେ। ଏହି ଆଲୋଚନା ଚକ୍ରରେ ଅଧ୍ୟାପକ ଡ. ଜାହାଙ୍ଗୀର ମହମ୍ମଦ ବିଂଶ ଶତାବ୍ଦୀର ଭୌତିକ ବିଜ୍ଞାନ ଉପରେ ଦୁଇଟି ମୁଖ୍ୟ ନିୟମାବଳୀ ପ୍ରତିଫଳନ ବିଷୟରେ ଚର୍ଚ୍ଚା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସ୍ମୃତି ଦିପ୍ତା ଚୌଧୁରୀ, ରବିକିରଣ ପଣ୍ଡା, ମହମ୍ମଦ ତୋଫିକ୍, ପ୍ରତିଭା ବିଶ୍ୱାସ,ସହିଦ ଖାଁନ ପ୍ରମୁଖ ଆଲୋଚ୍ୟ ବିଷୟ ଉପରେ ନିଜର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନା କରିଥିଥଲେ। ଅଧ୍ୟାପକ ଆଲୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

ସେହିପରି ଅର୍ଥନୀତି ବିଭାଗ ପକ୍ଷରୁ 'ନବରଙ୍ଗପୁର ଅର୍ଥନୀତିର ବିଶଦ ବିଶ୍ଳେଷଣ ଓ ଭାରତୀୟ ଅର୍ଥନୀତି ବୃଦ୍ଧିରେ ପାଞ୍ଚୋଟି ପ୍ରମୁଖ ବିଭାଗର ଭୂମିକା' ଶୀର୍ଷକ ଆଲୋଚନା ଚକ୍ର କରାଯାଇଛି। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ନବରଙ୍ଗପୁରର ସାମାଜିକ ଇତିହାସ ଓ ଏହାର ଅର୍ଥନୀତି ବିକାଶ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅଧ୍ୟାପିକା ତୁଳସା ଭତ୍ରା ଭାରତୀୟ ଅର୍ଥନୀତି ବିକାଶ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପ୍ରଣତୀ ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ସୁଶ୍ରୀ ଏମ୍. ଶୃତି ଓ ଶିବାନୀ ସ୍ୱାଇଁ, ଦ୍ୱିତୀୟ ବର୍ଷର ସ୍ୱାଗତିକା ସାହୁ ପ୍ରମୁଖ ଛାତ୍ରୀମାନେ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଅଧ୍ୟାପିକା ଅନୁପମା ମାଝି ଧନ୍ୟବାଦ ଦେଇଥିଲେ।

ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଆଧୁନିକ ଭାରତର ରାଜନୀତି ଚିନ୍ତକ ଶ୍ରୀ ଅରବିନ୍ଦ ଘୋଷଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା' ଉପରେ ଏକ ଆଲୋଚନା ଚକ୍ର କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ନିର୍ମଳା ହିକ୍‌କା ସ୍ୱାଗତ ଅଭିଭାଷଣ ଦେଇଥିଲେ ଆଧ୍ୟପକ ହରିଶ ଚନ୍ଦ୍ର ଶବର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ରସାୟନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡି. ଗୋବିନ୍ଦା ରାଓ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଛାତ୍ରଛାତ୍ରୀମାନେ ଆଲୋଚନା ଚକ୍ରରେ ଭାଗ ନେଇ ନିଜର ମୌଳିକ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ଦାସ ଧନ୍ୟବାଦ ଦେଇଥିଲେ।



ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

